ଭାଷା ଓ ସାକ୍ଷରତା

TESS India

# ବିଦ୍ୟାଳୟ-ଗୃହ ଭାବବିନିମୟ

# School–home communication





ଭାରତରେ ବିଦ୍ୟାଳୟ ଭିତ୍ତିକ ସହାୟତା ମାଧ୍ୟମରେ ଶିକ୍ଷକ ଶିକ୍ଷା

www.TESS-India.edu.in

The Open University

UKaid from the British people

BY SA

http://creativecommons.org/licenses/

ଭାରତରେ ବିଦ୍ୟାଳୟ ଭିତ୍ତିକ ସହଯୋଗ ମାଧ୍ୟମରେ ଶିକ୍ଷକ ଶିକ୍ଷା (ଟେସ-ଇଣ୍ଡିଆ) କାର୍ଯ୍ୟକ୍ରମ ଶିକ୍ଷକମାନଙ୍କୁ 'ମୁକ୍ତ ଶୈକ୍ଷିକ ସଂବଳ' ମାଧ୍ୟମରେ ଶିକ୍ଷାର୍ଥୀ କୈନ୍ଦ୍ରିକ, ସହଭାଗୀ ଶିକ୍ଷାପଦ୍ଧତିଗୁଡ଼ିକର ବିକାଶ କରିବାରେ ସହାୟତା ଦେବା ସହ ଭାରତରେ ଥିବା ପ୍ରାରମ୍ଭିକ ଓ ମାଧ୍ୟମିକ ଶିକ୍ଷକମାନଙ୍କ ଶ୍ରେଣୀଗୃହରେ କାର୍ଯ୍ୟଧାରା ଅଭିବୃଦ୍ଧି ପାଇଁ ଲକ୍ଷ୍ୟ ରଖିଛି । ଟେସ୍-ଇଣ୍ଡିଆର ଏହି 'ମୁକ୍ତ ଶୈକ୍ଷିକ ସଂବଳ' ଶିକ୍ଷକମାନଙ୍କ ପାଇଁ ବିଦ୍ୟାଳୟ ପାଠ୍ୟପୁସ୍ତକର ଏକ ସହଯୋଗୀ ଅଟେ । ଏଗୁଡ଼ିକ, ଅନ୍ୟ ଶିକ୍ଷକମାନେ ପ୍ରସଙ୍ଗଟିକୁ କିପରି ପଢ଼ାଇଛନ୍ତି ତାହା ପ୍ରଦର୍ଶନ କରିବା ସହ ଶ୍ରେଣୀଗୃହରେ ଶିକ୍ଷାର୍ଥୀମାନଙ୍କ ସହ ପ୍ରାକ୍ ପରୀକ୍ଷଣ ପାଇଁ ଶିକ୍ଷଣକାର୍ଯ୍ୟମାନ ଯୋଗାଇ ଦେଇଥାଏ । ଏହା ବ୍ୟତିତ ଶିକ୍ଷକମାନଙ୍କୁ ସେମାନଙ୍କ ପାଠ ଯୋଜନା ଏବଂ ବିଷୟଗତ ଜ୍ଞାନର ଅଭିବୃଦ୍ଧି ପାଇଁ ଏହା ସଂଯୋଗ ସ୍ଥାପନ କରେ ।

ଟେସ୍-ଇଣ୍ଡିଆର 'ମୁକ୍ତ ଶୈକ୍ଷିକ ସଂବଳ'ଗୁଡ଼ିକ ଭାରତୀୟ ପାଠ୍ୟ ଖସଡ଼ା ଓ ପରିପେକ୍ଷୀ ଅନୁଯାୟୀ ଉଭୟ ଭାରତୀୟ ଓ ଆର୍ନ୍ତଜାତୀୟ ଲେଖକମାନଙ୍କ ସହଭାଗୀତାରେ ପ୍ରସ୍ତୁତ । ଏହା ଉଭୟ ଅନ୍‌ଲାଇନ ଓ ମୁଦ୍ରିତ ଭାବେ ବ୍ୟବହାର ପାଇଁ ଇଣ୍ଟରନେଟ୍ (http://www.tess-india.edu.in/)ରେ ଉପଲବ୍ଧ । 'ମୁକ୍ତ ଶୈକ୍ଷିକ ସଂବଳ'ଗୁଡ଼ିକ ବିଭିନ୍ନ ଭାଷାରେ ଅନୁବାଦ କରାଯାଇ ଉପଲବ୍ଧ କରାଯାଇଛି ଓ ଟେସ୍-ଇଣ୍ଡିଆର କାର୍ଯ୍ୟକ୍ରମ ଚାଲୁଥିବା ଭାରତୀୟ ରାଜ୍ୟଗୁଡ଼ିକ ପାଇଁ ଉପଯୁକ୍ତ ଅଟେ । ଏହାର ବ୍ୟବହାରକାରୀମାନଙ୍କୁ ସ୍ଥାନୀୟ ପ୍ରାସଙ୍ଗିକତା ଓ ଆବଶ୍ୟକତାକୁ ଭରଣା କରିବା ନିମିତ୍ତ ସ୍ଥାନୀୟକରଣ କରି ଗ୍ରହଣ କରିବାକୁ ଆମନ୍ତ୍ରିତ କରାଯାଇଛି । ଟେସ୍-ଇଣ୍ଡିଆ ଭାରତ ଓ ଯୁକ୍ତରାଜ୍ୟ ସରକାରଙ୍କ ମିଳିତ କାର୍ଯ୍ୟକ୍ରମର ଏକ ଅଂଶ ଓ ଯୁକ୍ତରାଜ୍ୟ ର ମୁକ୍ତ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ।

### ଭିଡ଼ିଓ ସମ୍ବଳ ସମୂହ

ଏହି ଏକକରେ କେତେକ କାର୍ଯ୍ୟମାନ ସଙ୍କେତ ସହ ସମ୍ମିଳିତ କରାଯାଇଛି । ଟେସ-ଇଣ୍ଡିଆର 'ଭିଡ଼ିଓ ସମ୍ବଳ ସମୂହ' ଶିକ୍ଷା ତତ୍ତ୍ୱ ଆଧାରିତ । ଏଥିରେ ଥିବା ଭିଡ଼ିଓଗୁଡ଼ିକ ନିର୍ଦ୍ଦିଷ୍ଟ ବିଷୟ ପାଇଁ ଭାରତୀୟ ଶ୍ରେଣୀଗୃହ ପରିପ୍ରେକ୍ଷାରେ ପଢ଼ାଇବାର କୌଶଳଗୁଡ଼ିକୁ ସଚିତ୍ର ବର୍ଣ୍ଣନା କରିଛି । ଆମେ ଆଶାକରୁ ଯେ ଏଗୁଡ଼ିକ ଆପଣମାନଙ୍କୁ ଅନୁରୂପ କାର୍ଯ୍ୟଧାରାଗୁଡ଼ିକର ପରୀକ୍ଷଣ ନିମିତ୍ତ ଅନୁପ୍ରେରିତ କରିବ । ଏହିସବୁ ଆପଣଙ୍କ ଦ୍ୱାରା କରାଯାଉଥିବା ପାଠ୍ୟପୁସ୍ତକ ଆଧାରିତ କାର୍ଯ୍ୟଗୁଡ଼ିକର ଅଭିଜ୍ଞତା ବୃଦ୍ଧି କରିବା ନିମିତ୍ତ ଅଭିପ୍ରେରିତ । ଟେସ୍-ଇଣ୍ଡିଆ ଭିଡ଼ିଓ ସମ୍ବଳ ସମୂହ ଅନ୍‌ଲାଇନ୍‌ରେ http://www.tess-india.edu.in/) ଉପଲବ୍ଧ ଓ ଡାଉନ୍‌ଲୋଡ୍ କରାଯାଇପାରିବ । ଆପଣମାନେ ଏହି ଭିଡ଼ିଓଗୁଡ଼ିକୁ ସି.ଡ଼ି. ବା ମେମୋରୀ କାର୍ଡ଼ ମାଧ୍ୟମରେ ବ୍ୟବହାର କରି ପାରିବେ ।

ଓଡ଼ିଆ ସଂକଳନ ୧.୦  ଭାଷା ଓ ସାକ୍ଷରତା ସଂଖ୍ୟା ୦୧ ଓଡ଼ିଆ ଭାଷାନ୍ତର ସହାୟତା : ଭାରତ ଜ୍ଞାନ ବିଜ୍ଞାନ ସମିତି : ଓଡିଶା Odisha

ଏହି ସଂକଳନଟି 'ଟେସ୍ ଇଣ୍ଡିଆର ମୁକ୍ତ ଶିକ୍ଷା ସମ୍ବଳ'ର ଭାଷା ଓ ସାକ୍ଷରତା ସଂକଳନର ଏକ ଭାଗ ଅଟେ । ମୂଳ ଇଂରାଜୀ ଲେଖାକୁ ଡକ୍ଟର ଦୁର୍ଯ୍ୟୋଧନ ଦାଶ ଓଡ଼ିଆ ଭାଷାନ୍ତର କରିଥିବା ବେଳେ ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ଓ ପ୍ରଫେସର ବି.ଏନ୍.ପଣ୍ଡା ସମୀକ୍ଷା କରିଛନ୍ତି । ଏହି ସଂକଳନରେ ବ୍ୟବହୃତ ହୋଇଥିବା ତୃତୀୟ ପକ୍ଷ ସାଧନ ବ୍ୟତୀତ ଅନ୍ୟ ସମସ୍ତ ସମ୍ବଳ/ଲେଖ http://creativecommons.org/ licenses/by-sa/3.0/ରେ ମୁକ୍ତ ବ୍ୟବହାର ପାଇଁ ଉପଲବ୍ଧ ଅଟେ ।

TESS-India is led by The Open University UK and funded by UK aid from the UK government

## ଏହି ଏକକରେ କ'ଣ ଅଛି

ସାଧାରଣତଃ ପିଲାମାନେ ଗୃହ ଓ ଗୋଷ୍ଠୀର ବ୍ୟକ୍ତି ବିଶେଷଙ୍କ ସହ କ୍ରିୟା ପ୍ରତିକ୍ରିୟା ମାଧ୍ୟମରେ ଭାବ, ଭାଷା, ଜ୍ଞାନ, କୌଶଳ, ଧାରଣା ଆଦି ହାସଲ କରିଥାନ୍ତି । ଏହି ସବୁକୁ ଆଧାର କରି ସେମାନେ ବିଦ୍ୟାଳୟ ଶିକ୍ଷା ଆରମ୍ଭ କରିଥାନ୍ତି । ଏହି ପରିପ୍ରେକ୍ଷୀରେ ବିଚାର କଲେ ଜଣାଯାଏ ଯେ ଭାଷାଗତ ଓ ସାଂସ୍କୃତିକ ଦକ୍ଷତା କ୍ରମବର୍ଦ୍ଧିଷ୍ଣୁ ବିକାଶର ମୁଖ୍ୟ ସମ୍ବଳ ଅଟେ । ଆଉ ଯେତେବେଳେ ଶିକ୍ଷକ ଏହି କଥାକୁ ସ୍ୱୀକୃତି ଦେବେ ସେତେବେଳେ ସେମାନଙ୍କ ବିଦ୍ୟାଳୟର ଅନୁଷ୍ଠାନିକ ଶିକ୍ଷଣ ଅଧିକ ଫଳପ୍ରଦ ହୋଇପାରିବ ।

ଏହି ଏକକ ଅଧ୍ୟୟନ ପରେ ଆପଣ ଭାଷା ଓ ସାକ୍ଷରତା ଶିକ୍ଷାଦାନରେ ଶିକ୍ଷାର୍ଥୀମାନଙ୍କର ଗୃହ ଓ ଗୋଷ୍ଠୀ ସଂପର୍କିତ ଅଭିଜ୍ଞତାକୁ ଜାଣିବେ ଓ ତତ୍ ସଂପର୍କିତ ମୂଲ୍ୟାୟନର ଉପାୟମାନ ବାହାର କରିବେ ।

## ଏହି ଏକକରୁ କ'ଣ ଶିଖିବେ

- ଶିକ୍ଷାର୍ଥୀମାନଙ୍କ ବିଷୟରେ ଅଧିକ ଜାଣିବା ପାଇଁ ଶ୍ରେଣୀଗୃହ କାର୍ଯ୍ୟରେ ଆପଣ କିପରି ସୁଯୋଗସୃଷ୍ଟି କରିବେ ।
- ଶିକ୍ଷାର୍ଥୀମାନଙ୍କର ବିଦ୍ୟାଳୟ ବାହାର ଅଭିଜ୍ଞତାକୁ ଆଧାରକରି ଭାଷା ଶିକ୍ଷଣ ପାଠଟୀକା କିପରି ପ୍ରସ୍ତୁତ କରିବେ ।

## ଏହି ଶିକ୍ଷଣ ପନ୍ଥାଟି କାହିଁକି ଗୁରୁତ୍ୱପୂର୍ଣ୍ଣ

ଶିକ୍ଷାର୍ଥୀମାନେ ସେମାନଙ୍କର ବହୁ ସମୟ ଗୃହ ଓ ଗୋଷ୍ଠୀ ମଧ୍ୟରେ କଟାଇଥାନ୍ତି । ଏହି ସମୟରେ ସେମାନେ ଅଣଆନୁଷ୍ଠାନିକ ଭାବରେ ଅନେକ କଥା ଶିଖିଥାନ୍ତି । ମାତ୍ର ବାସ୍ତବ କ୍ଷେତ୍ରରେ ଦେଖାଯାଏ ଯେ ପାଠ୍ୟପୁସ୍ତକ ଉପରେ ଅତ୍ୟଧିକ ଗୁରୁତ୍ୱ ଯୋଗୁଁ ଶିକ୍ଷକମାନେ ଶିକ୍ଷାର୍ଥୀମାନଙ୍କର ଅର୍ନ୍ତନିହିତ ଜ୍ଞାନ, କୌଶଳ ତଥା ଅଭିଜ୍ଞତାକୁ ଅଣଦେଖା କରିଥାନ୍ତି ।

ଏପରି ଦେଖାଯାଏ ଯେ ଅଧିକାଂଶ ଶିକ୍ଷାର୍ଥୀ ବିଶେଷତଃ ପ୍ରଥମ ପିଢ଼ିର ଶିକ୍ଷାର୍ଥୀମାନେ ବିଦ୍ୟାଳୟରେ ସେମାନଙ୍କ ଆଦ୍ୟପ୍ରବେଶ କାଳରେ ଅପରିଚିତ ବ୍ୟକ୍ତି, ଭାଷା ତଥା କାର୍ଯ୍ୟ ଆଦିକୁ ଦେଖି ଦ୍ୱନ୍ଦରେ ପଡ଼ିଯାଆନ୍ତି । ଏଣୁ ଏହି ନୂତନ ପରିସ୍ଥିତିରେ ସେମାନେ ଅଧିକ ସୁରକ୍ଷିତ ଅନୁଭବ କରିବେ ଯେତେବେଳେ ଶିକ୍ଷାର୍ଥୀମାନେ ଜାଣିଥିବା ଭାଷା ତଥା ସେମାନଙ୍କ ସାଂସ୍କୃତିକ ଧାରା ଉପରେ ଆପଣ ଗୁରୁତ୍ୱ ଦେବେ । ଫଳରେ ବିଦ୍ୟାଳୟରେ ସେମାନଙ୍କ ପାଇଁ ଏକ ପରିଚିତ ପରିବେଶ ସୃଷ୍ଟି କରାଯାଇ ପାରିବ ।

ସାଧାରଣତଃ ଦେଖିବାକୁ ଗଲେ ପିଲାମାନଙ୍କୁ ସବୁଦିନେ ଗୃହ ଶିକ୍ଷା ଓ ବିଦ୍ୟାଳୟ ଶିକ୍ଷା ମଧ୍ୟରେ ଥିବା ପ୍ରତିବନ୍ଧକ ଅତିକ୍ରମ କରିବାକୁ ପଡ଼ିଥାଏ । ଏହି ଏକକଟିରେ ଉଭୟ ଶିକ୍ଷକ ଓ ଶିକ୍ଷାର୍ଥୀମାନଙ୍କ ପ୍ରତିବନ୍ଧକ ଅତିକ୍ରମ ଧାରାକୁ ସହଜ କରିବା ପାଇଁ କେତେକ କାର୍ଯ୍ୟ ସମୂହର ଉପସ୍ଥାପନ କରାଯାଇଛି ।

## ୧ ବିଦ୍ୟାଳୟ ବାହାରେ ଶିକ୍ଷାର୍ଥୀଙ୍କ ଶିକ୍ଷଣ



ଟିକିଏ ଚିନ୍ତା କରନ୍ତୁ

- ଶିକ୍ଷାର୍ଥୀମାନେ ବିଦ୍ୟାଳୟ ବାହାରୁ ହାସଲ କରିଥିବା କୌଶଳ ଓ ଜ୍ଞାନ ବିଷୟରେ ଆପଣ ଚିନ୍ତା କରିଛନ୍ତି କି ?
- ଶିକ୍ଷାର୍ଥୀମାନଙ୍କର ଗୃହ କିମ୍ବା ଗୋଷ୍ଠୀର ଭାଷା ତଥା ସାଂସ୍କୃତିକ ଜ୍ଞାନ ସେମାନଙ୍କର ବିଦ୍ୟାଳୟ ଶିକ୍ଷଣ ପାଇଁ ଦରକାରୀ ବୋଲି ଆପଣ ଚିନ୍ତା କରୁଛନ୍ତି କି ? କାହିଁକି / କାହିଁକି ନୁହେଁ ?

ପରିସ୍ଥିତି ଅନୁଧ୍ୟାନ-୧ ରେ ଜଣେ ଶିକ୍ଷକ ପ୍ରାକ୍ ବିଦ୍ୟାଳୟ ପିଲାର ଶିକ୍ଷଣ ଅଭିଜ୍ଞତା ବିଷୟରେ ସୂଚନାଦେଇଛନ୍ତି ।

## ପରିସ୍ଥିତି ଅନୁଧ୍ୟାନ୧: ଶ୍ରୀମତୀ ଭାରତୀଙ୍କର ପିଲାମାନଙ୍କର ପ୍ରାକ୍ ବିଦ୍ୟାଳୟ ଜ୍ଞାନ ଓ କୌଶଳ ସଂପର୍କିତ ପ୍ରତିଫଳନ

ଶ୍ରୀମତୀ ଭାରତୀ ଭୁବନେଶ୍ୱରର ଜଣେ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ । ଦିନେ ସେ ଗୋଟିଏ ଦୋକାନରୁ ପାତ୍ରଟିଏ କିଣିଲେ । ଦୋକାନଟି ତାଙ୍କର ଗୋଟିଏ ଦ୍ୱିତୀୟ ଶ୍ରେଣୀ ଛାତ୍ରର ବାପାଙ୍କର ଥିଲା । ସେଠାରେ ସେ ସେହି ଛାତ୍ରଙ୍କର ଚରିବର୍ଷର ଭଉଣୀ ଝୁନାକୁ ଭେଟିଲେ ଯିଏକି ସେ ପର୍ଯ୍ୟନ୍ତ ବିଦ୍ୟାଳୟରେ ନାମ ଲେଖାଇ ନଥିଲା ।

ଝୁନା ଚଟାଣର ଏକ କାର୍ଡ଼ବୋର୍ଡ଼ ବାକ୍ସ ନିକଟରେ ବସିଥିଲା । ସେ ପ୍ୟାକେଟ୍‌ଗୁଡ଼ିକୁ ପାଖକୁ ନେଇ ଗଣି ଥାକ ଥାକ କରି ରଖୁଥିଲା । ତା'ର ବାପା ସେହି ସମୟରେ ଜଣେ ଗ୍ରାହକ ସହ କଥାବାର୍ତ୍ତା କରୁଥିଲେ । ମୁଁ ଝୁନାକୁ ପଚାରିଲି, ତୁମେ କି ପାତ୍ର ବିକୁଛ ? ମୋ କଥା ଶୁଣି ସେ ତା'ର ମାଆଙ୍କୁ ଡାକିଲା । ତା'ର ମାଆ ଦୋକାନର ପଛ ପାଖରୁ ବାହାରିଲେ । ସେ ତାଙ୍କ ଘର ଭାଷାରେ ପାତ୍ର ପାଇଁ ଶବ୍ଦ ବ୍ୟବହାର କରି ଗୋଟିଏ କୋଣକୁ ଆଙ୍ଗୁଳି ନିର୍ଦ୍ଦେଶ କରି ଉତ୍ତର ଦେଲେ । ଝୁନା ତା' ସାଙ୍ଗରେ ମୋତେ ପାତ୍ର ଦେଖାଇବାକୁ ନେଇଗଲା ଓ ଦୁଇ ତିନୋଟି ପାତ୍ର ଉଠାଇ ଆଣିଲା । ବିଭିନ୍ନ ରଙ୍ଗର ପାତ୍ର ସେ ମୋତେ ଦେଖାଇଲା । ମୁଁ ସେଥିରୁ ଲାଲ ରଙ୍ଗର ପାତ୍ରଟିକୁ ପସନ୍ଦ କଲି । ସେହି ପାତ୍ରଟିକୁ ସେ ଧରି ଦୋକାନକୁ ନେଇ ଆସିଲା । ମୋ ପାଖରୁ ଟଙ୍କା ନେଇ ତା'ର ମାଆକୁ ଦେଲା ଓ ତାଙ୍କ ଠାରୁ ବଳକା ପଇସା ଆଣି ମୋତେ ଫେରାଇ ଦେଲା । ପାତ୍ରଟିକୁ କାଗଜରେ ଗୁଡାଇବାରେ ସେ ତା'ର ମାଆଙ୍କୁ ସାହାଯ୍ୟ କଲା ଓ ମୋ ବ୍ୟାଗରେ ରଖି ଦେଲା । ଶେଷରେ ସେ ଓ ତା'ର ମାଆ ଉଭୟେ ମୋତେ ଓଡ଼ିଆରେ ଧନ୍ୟବାଦ ଦେଲେ ଓ ବିଦାୟ ନମସ୍କାର ଜଣାଇଲେ ।

ମୁଁ ଯେତେବେଳେ ଦୋକାନ ଛାଡ଼ିଲି, ସେତେବେଳେ ଅନୁଭବ କଲି ଯେ ଝୁନା ଶିଖିଥିବା ଜ୍ଞାନ ଓ କୌଶଳ ତା'ର ବିଦ୍ୟାଳୟ ଶିକ୍ଷାରେ ସହାୟକ ହେବ ।

(କେନାର- ୨୦୦୦ରୁ ଉଦ୍ଧୃତ )

ଟିକିଏ ଚିନ୍ତା କରନ୍ତୁ

- ଝୁନା ଭାଷା ଓ ଭାବ ପ୍ରକାଶ ସଂପର୍କରେ କ'ଣ ଜାଣିଛି ?
- ଏହି ପରିସ୍ଥିତି ଅଧ୍ୟୟନରେ ଝୁନାରଅନ୍ୟ କେଉଁ ଦକ୍ଷତା ଓ କୌଶଳ ବିଷୟରେ ଜଣାପଡୁଛି ?

ଆପଣଙ୍କ ଧାରଣାକୁ ଆମ ଧାରଣା ସହିତ ତୁଳନା କରନ୍ତୁ..

ଝୁନାରଗାଣିତିକ ଦକ୍ଷତା ବଢୁଛି । ସେ ଗଣି ପାରୁଛି । ବିଭିନ୍ନ ଜିନିଷର ଏକତ୍ରୀକରଣ, ବର୍ଗୀକରଣ ମଧ୍ୟ ସେ ଶିଖୁଛି । ଟଙ୍କା ଓ ଖୁଚୁରା ପଇସା ବିଷୟରେ ବୁଝିବା ଆରମ୍ଭ କରୁଛି । ଦୋକାନରେ କିପରି ବିକ୍ରୀବଟା ହୁଏ ତାହା ସେ ଜାଣିପାରିଲାଣି । ସେ ବର୍ତ୍ତମାନ ଶୁଣି ବୁଝିପାରୁଛିଯେ ପ୍ରଶ୍ନ ପଚାରି କିପରି ତଥ୍ୟ ସଂଗ୍ରହ କରାଯାଏ ।ଗ୍ରାହକ ସହିତ କିପରି ଭଦ୍ରତାର ସହିତ ବ୍ୟବହାର କରାଯାଏ, ସେ ଜାଣିଲାଣି ।

ଝୁନା ତା'ର ଘରଭାଷାରେ ଭଲ ଭାବରେ କଥାବାର୍ତ୍ତା କରିପାରୁଛି । ସେ ବିଭିନ୍ନ ରଙ୍ଗର ନାମ ଜାଣିଛି । ପ୍ରଶ୍ନ ପଚାରିବା ପାଇଁ ଭାଷା ବ୍ୟବହାର କରିପାରୁଛି, ସୂଚନା ଓ ନିର୍ଦ୍ଦେଶ ବୁଝିପାରୁଛି । ସେ ତାର ଘରଭାଷା ସହିତ ଓଡିଆ ମଧ୍ୟ ବୁଝୁଛି । ସେ ନିଜେ ଜାଣି ପାରିଲାଣି ଯେ ଲୋକମାନେ ବିଭିନ୍ନ ଭାଷାରେ କଥାବାର୍ତ୍ତା କରନ୍ତି ।

ପର୍ଯ୍ୟବେକ୍ଷଣ, ଭାବ ଆଦାନ ପ୍ରଦାନ ଓ ଅନୁକରଣ ମାଧ୍ୟମରେ ଝୁନାର ସାଧାରଣ ଜ୍ଞାନ ତଥା ଭାବବିନିମୟ ଶୈଳୀ ମଧ୍ୟ ବଢିଗଲାଣି । ଏହା ତାର ବିଦ୍ୟାଳୟରେ ଭାଷା ଦକ୍ଷତା ଓ ଶିକ୍ଷଣ ପାଇଁ ଏକ ମୂଳଦୁଆ ରୂପେ ନିଶ୍ଚିତ କାମ କରିବ ।

ଛାତ୍ରଛାତ୍ରୀମାନେ ଘରେ ତଥା ଗୋଷ୍ଠୀରେ ବହୁତ କଥା ଶିଖିଥାଆନ୍ତି । ବିଦ୍ୟାଳୟରେ ମଧ୍ୟ ବହୁତ କଥା ଶିଖନ୍ତି । ଆପଣଙ୍କର ଛାତ୍ରଛାତ୍ରୀମାନେ ତାଙ୍କର ସାନ ଭାଇଭଉଣୀର ଦେଖାଚାହାଁ କରନ୍ତି, ବୁଢାବାପା ବୁଢୀମାଆଙ୍କର ଦାୟିତ୍ୱ ନିଅନ୍ତି । ପୋଷା ପଶୁପକ୍ଷୀଙ୍କର ଯତ୍ନ ନିଅନ୍ତି, ବାପାମାଆଙ୍କୁ ବିଭିନ୍ନ କାର୍ଯ୍ୟରେ ସାହାଯ୍ୟ କରନ୍ତି, କ୍ରାଫ୍ଟ ତିଆରି କରନ୍ତି.... ଏହି ସବୁ କାର୍ଯ୍ୟ କରିବା ସମୟରେ ସେମାନେ ଅନୌପଚାରିକ ଭାବରେ ବହୁତ କଥା ଶିଖିଥାନ୍ତି ।

## ୨ ଶ୍ରେଣୀକକ୍ଷ କଥୋପକଥନ

ଆପଣଶିକ୍ଷାର୍ଥୀମାନଙ୍କୁ ସେମାନଙ୍କର ଆଗ୍ରହ, ରୁଚି, କାର୍ଯ୍ୟ, ପ୍ରତିବଦ୍ଧତା ପ୍ରକାଶ ପାଇଁ ସୁଯୋଗ ଦେଲେ ଏହା ଶ୍ରେଣୀ ଗୃହରେ ଉପଯୁକ୍ତ ଭାବ ବିନିମୟ କରିବାରେ ସେମାନଙ୍କୁ ଉତ୍ସାହିତ କରିବ । ଏହା ମଧ୍ୟ ଆପଣଙ୍କୁ ସେମାନଙ୍କ କଥନ ଓ ଶ୍ରବଣ ଦକ୍ଷତା ଆକଳନରେ ସହାୟକ ହେବ । ବିଶେଷତଃ ଯେତେବେଳେ ଶିକ୍ଷାର୍ଥୀର ଗୃହ ଭାଷା ଓ ବିଦ୍ୟାଳୟର ଭାଷା ଅଲଗା ହୋଇଥିବ ସେତେବେଳେ ଏହା ଅଧିକ ସହାୟକ ହୋଇପାରିବ ।

ଆପଣଙ୍କୁ ସାହାଯ୍ୟ କରିବା ପାଇଁ ନିମ୍ନୋକ୍ତ କାର୍ଯ୍ୟ ପ୍ରସ୍ତୁତ କରାଯାଇଛି ।

### ଶିକ୍ଷଣକାର୍ଯ୍ୟ-୧ : ଦୈନନ୍ଦିନ କଥୋପକଥନ

ବିଦ୍ୟାଳୟର ଏହି ପର୍ଯ୍ୟାୟ କାର୍ଯ୍ୟ ଶେଷ ହେବାପରେ ପ୍ରତିଦିନର, କାର୍ଯ୍ୟ ପାଇଁ ଆପଣ ଏକ ନିର୍ଘଣ୍ଟ ପ୍ରସ୍ତୁତ କରନ୍ତୁ । ଏହା ମାଧ୍ୟମରେ ଆପଣ ଶିକ୍ଷାର୍ଥୀମାନଙ୍କ ସହିତ ଅନୌପଚାରିକ ଢ଼ଙ୍ଗରେ ବ୍ୟକ୍ତିଗତ ତଥା ଦଳରେ କଥୋପକଥନ କରିପାରିବେ । ଏହା ବିଦ୍ୟାଳୟ କାର୍ଯ୍ୟ ଆରମ୍ଭ ବା ଶେଷରେ କିମ୍ୱା ଅବସର ସମୟରେ ସଂପାଦନ କରଯାଇପାରିବ । ଏହା ନିଶ୍ଚିତ କରିବା ଦରକାର ଯେ ଆପଣ ସବୁ ଶିକ୍ଷର୍ଥୀମାନଙ୍କ ସହିତ ଅଧିକ ସମୟ ଧରି ଭାବ ବିନିମୟ କରୁଛନ୍ତି । ଏହାକୁ ତଦାରଖ କରିବା ପାଇଁ ଆପଣ ଏକ ସରଳ ତନଖି ତାଲିକା ବ୍ୟବହାର କରିପାରିବେ ।

ଉଦାହରଣ ସ୍ୱରୂପ ଆପଣ ସେମାନଙ୍କୁ ପଚାରି ପାରନ୍ତି ଯେ ସେମାନେ କୌଣସି ଏକ ପର୍ବ ପାଳନକୁ ଉପଭୋଗ କରିଛନ୍ତି, ବା ନିକଟରେ କୌଣସି ଝଡ଼ ବାତ୍ୟାରେ ପ୍ରଭାବିତ ହୋଇଛନ୍ତି ବା କୌଣସି ନିର୍ଦ୍ଦିଷ୍ଟ କ୍ରିକେଟ ମ୍ୟାଚକୁ ସମର୍ଥନ କରିଛନ୍ତି ।

ଆପଣଙ୍କ ଶିକ୍ଷାର୍ଥୀମାନେ ବିଦ୍ୟାଳୟ ବାହାରେ ଯାହା ଶିଖନ୍ତି ତାହାକୁ ଶ୍ରେଣୀରେ ଶିଖିଲାବେଳେ ସେମାନେ କିପରି ଉପଯୋଗ କରିପାରିବେ ତାର ସୁଯୋଗ ଖୋଜନ୍ତୁ । ଆପଣ ନିଶ୍ଚୟ କହିପାରିବେ :

'ମୁଁ ଅନେକ କିଛି ଜାଣେ ଯେ ତୁମେ ଏହି ମାସରେ ଭୟାବହ ପାଗ ସତ୍ତ୍ୱେ ତୁମର ପିତାମାତାଙ୍କୁ ବଜାର କରିବାରେ ସାହାଯ୍ୟ କରିଛ । ଏହା ନିଶ୍ଚିତ ଭାବରେ ଏକ ଭଲ କାର୍ଯ୍ୟ । ଗଣିତ ପାଠରେ ଆଜି ତୁମେ ତୁମର କୌଶଳ ପ୍ରଦର୍ଶନ କରିପାରିବ; କାରଣ, ଆମେ ଏବେ ଟଙ୍କାର ଯୋଗ ବିୟୋଗ କାର୍ଯ୍ୟ କରୁଛେ । ତୁମ ମଧ୍ୟରୁ କେତେ ଜଣ ବଜାରରେ ଟଙ୍କା ବଦଳରେ ଖୁଚୁରା ପଇସା ଦେଇଛ ? ଏହି ହିସାବ କିତାବକୁ ତୁମେ ତୁମର ବାପା କିମ୍ୱା ମାଆଙ୍କ ସହିତ ତନଖି କରିଛ କି ?

ଶିକ୍ଷାର୍ଥୀମାନଙ୍କ ଠାରୁ ମିଳିଥିବା ଉତ୍ତର ଆପଣଙ୍କୁ ବିଦ୍ୟାଳୟ ଶିକ୍ଷା ପାଇଁ ସେମାନଙ୍କ ପାଖରେ ଥିବା ଜ୍ଞାନ ଓ କୌଶଳ ସଂପର୍କରେ ଆପଣଙ୍କୁ ଅର୍ନ୍ତଦୃଷ୍ଟି ଯୋଗାଇ ଦେଇପାରିବ । ଶିକ୍ଷାର୍ଥୀମାନଙ୍କ ବିଷୟରେ ଯାହା ଶିଖିଲେ ଓ ସେମାନେ କେଉଁ ଆଗ୍ରହ ଓ କାର୍ଯ୍ୟ ସବୁ ଅନ୍ୟ ସହ ବିନିମୟ କରନ୍ତି ତାହାର ଏକ ଲେଖା ରଖନ୍ତୁ । ଏହାଦ୍ୱାରା ଶିକ୍ଷାର୍ଥୀମାନଙ୍କ ଆଗ୍ରହ ଓ କାର୍ଯ୍ୟ ବିଷୟରେ ଆପଣ ଅଧିକ ତଥ୍ୟ ହାସଲ କରିପାରିବେ ।

ଆପଣ ଯଦି ବର୍ଷ ତମାମ ଏହି କାର୍ଯ୍ୟ କରନ୍ତି ତେବେ ଆପଣ ଏହାକୁ ପାଠ୍ୟପୁସ୍ତକ, ସିଲାବସ୍ ଓ ପାଠଯୋଜନା ସହ ସଂର୍ପକିତ କରିବେ । ଏଥି ସଙ୍ଗେ ସଙ୍ଗେ ଶିକ୍ଷାର୍ଥୀମାନେ ଜାଣିଥିବା ଓ ଜାଣିବାକୁ ଆଗ୍ରହୀ ଥିବା ନୂଆ ପ୍ରସଙ୍ଗ ସହିତ ଏହାକୁ ଯୋଡ଼ିବାର ସୁଯୋଗମାନ ବାହାର କରିପାରିବେ ।

ଏହି ଶ୍ରବଣ ଓ କଥନ କାର୍ଯ୍ୟ ସଂପ୍ରସାରଣ କରିବା ପାଇଁ ଆପଣ ଶିକ୍ଷାର୍ଥୀମାନଙ୍କୁ ସାପ୍ତାହିକ ଡାଏରୀ ଲେଖିବା ପାଇଁ ଉତ୍ସାହିତ କରନ୍ତୁ । ଏଥିରେ ସେମାନେ ବିଦ୍ୟାଳୟ କାର୍ଯ୍ୟ ନିର୍ଘଣ୍ଟ ବାହାରେ ଥିବା ସମୟରେ କ'ଣ କ'ଣ କରନ୍ତି ଲେଖିବାକୁ କୁହନ୍ତୁ ।

ଶ୍ରେଣୀରେ ସବୁ ଶିକ୍ଷାର୍ଥୀଙ୍କ ସଂପୃକ୍ତି ନିମିତ୍ତ ଅଧିକ ଜାଣିବା ପାଇଁ ସମ୍ବଳ-୧ର ସାହାଯ୍ୟ ନିଅନ୍ତୁ ।

ଭିଡ଼ିଓ : ସଭିଙ୍କ ସଂପୃକ୍ତି

## ଶିକ୍ଷଣ କାର୍ଯ୍ୟ-୨ : ଏକ ଶ୍ରେଣୀ ଆଲୋଚନା

ଶିକ୍ଷାର୍ଥୀମାନଙ୍କ ବିଦ୍ୟାଳୟ ବାହାରର ଆଗ୍ରହ ଓ ପ୍ରତିବଦ୍ଧତା ନେଇ ଶ୍ରେଣୀ ଆଲୋଚନାର ଏକ ଯୋଜନା କରନ୍ତୁ । ଉତ୍ସାହ ବର୍ଦ୍ଧକ ଭାବେ ଏକକ ଉତ୍ତର ଆଧାରିତ ପ୍ରଶ୍ନମାନ ବ୍ୟବହାର କରନ୍ତୁ । ଏଠାରେ କେତେକ ଧାରଣା ଦିଆଯାଇଛି । କିନ୍ତୁ ଆପଣ ଆପଣଙ୍କ ପ୍ରସଙ୍ଗକୁ ଆଧାର କରି ପ୍ରଶ୍ନମାନ ବାଛିବା ଆବଶ୍ୟକ ।

- ଘରେ ସାହାଯ୍ୟ କରିବା ପାଇଁ ତୁମେ କ'ଣ କାର୍ଯ୍ୟ କର ? ତୁମେ କ'ଣ କରିବାକୁ ଅଧିକ ପସନ୍ଦ କର ? ତୁମେ କ'ଣ କରିବାକୁ କ୍ୱଚିତ ପସନ୍ଦ କର ?
- ଏହି ସପ୍ତାହ ଶେଷର ତୁମର କେଉଁଟି ସବୁଠାରୁ ଭଲ କାର୍ଯ୍ୟ ଥିଲା ? ତୁମେ କେଉଁଟିକୁ ଅଧିକ ଉପଭୋଗ କଲ ନାହିଁ ?
- ବିଦ୍ୟାଳୟ ଛୁଟିରେ ତୁମେ କ'ଣ କରିବ ?

ପ୍ରଶ୍ନଗୁଡ଼ିକ କଳାପଟାରେ ଲେଖି ଦିଅନ୍ତୁ । ଆପଣ ନିଜେ ଏହାର ଉତ୍ତର ଦେଇ ଆରମ୍ଭ କରନ୍ତୁ ।

ଏହା ପରେ ଦୁଇ କିମ୍ବା ତିନିଜଣ ଶିକ୍ଷାର୍ଥୀଙ୍କୁ ଏହି ପ୍ରଶ୍ନ ପଚାରନ୍ତୁ । ଉତ୍ସାହ ବର୍ଦ୍ଧକ ଓ ସଂପର୍କିତ ପ୍ରଶ୍ନ ମାଧ୍ୟମରେ ଭାବ ବିନିମୟ ଦକ୍ଷତାକୁ ବଢାନ୍ତୁ ଯେପରି – ପ୍ରକୃତରେ ? କେଉଁ ଠାରୁ ତୁମେ ତାହା ଶିଖିଲ ? ଏହାପରେ ତୁମେ କଣ କରିବ ? ଇତ୍ୟାଦି । ଆପଣ ଶିକ୍ଷାର୍ଥୀମାନଙ୍କୁ ନେଇ ଛୋଟ ଦଳ ଗଠନ କରନ୍ତୁ । କଳାପଟାରେ ଲେଖାଥିବା ପ୍ରଶ୍ନଗୁଡ଼ିକୁ ଦଳରେ ଆଲୋଚନା କରିବାକୁ କୁହନ୍ତୁ । ଏହି ଭିତରେ ଏଥି ସହିତ ସଂପର୍କିତ କରି ପରସ୍ପରକୁପ୍ରଶ୍ନମାନ ପଚାରିବା ପାଇଁ ସେମାନଙ୍କୁ ଉତ୍ସାହିତ କରନ୍ତୁ । ସେମାନଙ୍କ କଥୋପକଥନ ଆରମ୍ଭ ହେବା ମାତ୍ରେ ଚାରିପାଖରେ ବୁଲି ଦଳଗୁଡ଼ିକର କାର୍ଯ୍ୟକୁ ତଦାରଖ କରନ୍ତୁ, ଯେପରି ଦଳର ପ୍ରତ୍ୟେକ ଶିକ୍ଷାର୍ଥୀ ଆଲୋଚନାରେ ଅଂଶଗ୍ରହଣ କରୁଛନ୍ତି।

ଦଳଗତ ଆଲୋଚନାର ବିକଳ୍ପ ଭାବେ ଆପଣ ଶିକ୍ଷାର୍ଥୀମାନଙ୍କ ସହିତ ପରସ୍ପର ସାକ୍ଷାତକାର ଯୋଡିରେ କରିପାରିବେ । ସାକ୍ଷାତକାର ସମୟରେ ତାର ସାଙ୍ଗ ତା ବିଷୟରେ କ'ଣ ସବୁ କହିଲେ ତାର ଏକ ତାଲିକା ପ୍ରସ୍ତୁତ କରିବାକୁ କୁହନ୍ତୁ ।

## ୩ ଗୋଟିଏ ଶ୍ରେଣୀ ପ୍ରକଳ୍ପ

ପରବର୍ତ୍ତିପରିସ୍ଥିତି ଅଧ୍ୟୟନରେ ଜଣେ ଶିକ୍ଷକ ଶିକ୍ଷାର୍ଥୀମାନଙ୍କ ବିଷୟରେ ତାଙ୍କର ଜ୍ଞାନକୁ ପରିବର୍ଦ୍ଧିତ ଭାଷା ଓ ସାକ୍ଷରତା ପ୍ରକଳ୍ପ ଯୋଜନା କରିବାରେ ବ୍ୟବହାର କରିଛନ୍ତି ।

## ପରିସ୍ଥିତି ଅଧ୍ୟୟନ-୨ :ସୁଶ୍ରୀ ସ୍ନେହାଙ୍କର ପର୍ବ ପର୍ବାଣିସମ୍ବନ୍ଧରେ ଭାଷା ଓ ସାକ୍ଷରତା ପ୍ରକଳ୍ପ

*ସୁଶ୍ରୀ ସ୍ନେହା ପଞ୍ଚମ ଶ୍ରେଣୀରେ ଶିକ୍ଷାଦାନ କରୁଥିବା ଜଣେ ଶିକ୍ଷୟତ୍ରୀ ଅଟନ୍ତି । ପାଠ୍ୟ ପୁସ୍ତକରେ ଥିବା ପର୍ବପର୍ବାଣି ସମ୍ବନ୍ଧୀୟ ପ୍ରସଙ୍ଗଦ୍ୱାରା ଉଦ୍‌ବୁଦ୍ଧ ହୋଇଥିଲେ । ସେ ବିଷୟରେ ସେ ଏଠାରେ ବର୍ଣ୍ଣନା କରିଛନ୍ତି ।*

ମୋର ଶିକ୍ଷାର୍ଥୀମାନେ ଏବେ ଏକ ପାଠ୍ୟପୁସ୍ତକରେ ଥିବା ପ୍ରସଙ୍ଗ "ଭାରତର ମୁଖ୍ୟ ପର୍ବ"ଯଥା ଇଦ୍, ହୋଲି ବିଷୟରେ ପଢ଼ିଛନ୍ତି । ଆମ ସମାଜରେ ଅନେକ ଗୁଡ଼ିଏ ଆଗ୍ରହୋଦ୍ଦୀପକ ପର୍ବ ରହିଛି । ତେଣୁ ମୁଁ ଆମର ଗୋଟିଏ ଆଞ୍ଚଳିକ ପର୍ବ ଉପରେ ଆଲୋକପାତ କରିବାକୁ ସ୍ଥିର କଲି । ଏହି ପରିପ୍ରେକ୍ଷୀରେ ସେଗୁଡ଼ିକ ମଧ୍ୟରୁ ଅନେକ ଶୀଘ୍ର ଶୀଘ୍ର ମୋ ମନକୁ ଆସିଗଲା ।

ମୁଁ ପ୍ରଥମେ ମୋ ଶିକ୍ଷାର୍ଥୀମାନଙ୍କୁ ସେମାନେ କେଉଁ ପର୍ବମାନଙ୍କରେ ନିଜକୁ ସାମିଲ କରିଥିଲେ ପଚାରି କାର୍ଯ୍ୟ ଆରମ୍ଭ କଲି ଓ ସେମାନଙ୍କର ଉତ୍ତର କଳାପଟାରେ ଲେଖିଲି ।

ଏହାପରେ ମୁଁ ଶିକ୍ଷାର୍ଥୀମାନଙ୍କୁ ବିଭିନ୍ନ ଦଳରେ ବିଭକ୍ତ କଲି । ପ୍ରତ୍ୟେକ ଦଳ ଗୋଟିଏ ପର୍ବର ପ୍ରତିନିଧିତ୍ୱ କରୁଥିଲେ । ପ୍ରତ୍ୟେକ ଦଳକୁ ଗୋଟିଏ ବଡ଼ କାଗଜ ଖଣ୍ଡ ଦେଇ ସେମାନେ ନିଜ ପର୍ବ ବିଷୟରେ ଯେତେ ଅଧିକ ଜାଣିଛନ୍ତି ଯଥା କ'ଣ ପର୍ବ ପାଳନ କରାଯାଏ, ପର୍ବରେ କେଉଁ ଠାକୁରଙ୍କୁ ପୂଜା କରାଯାଏ, କେଉଁ ଗୋଷ୍ଠୀର ଲୋକମାନେ ଏଥିରେ ସାମିଲ ହୁଅନ୍ତି । କେଉଁ ରୀତିନୀତି ଏଥିରେ ପାଳନ କରାଯାଏ, କେଉଁ ଖାଦ୍ୟ ରନ୍ଧାଯାଏ, ଏଥିରେ ସ୍ୱତନ୍ତ୍ର ପୋଷାକ ପରିଧାନ କରାଯାଏ କି ଓ କେଉଁ କାର୍ଯ୍ୟ ଏଥିରେ କରାଯାଏ ଆଦି ଲେଖିବାକୁ ବୁଝାଇ ଦେଲି । ଏଥିପାଇଁ ସେମାନେ ଯଦି ଚାହିଁବେ ତେବେ ତାଙ୍କର ମାତୃଭାଷାରେ ଆଲୋଚନା କରିପାରିବେ ଓ ଲେଖା ପ୍ରସ୍ତୁତ କରିପାରିବେ ।

ଏହାପରେ ପ୍ରତ୍ୟେକ ଦଳକୁ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଲେଖାକୁ ଶ୍ରେଣୀରେ ଉପସ୍ଥାପନ କରିବାକୁ କହିଲି । ମୁଁ ଦଳଗୁଡ଼ିକୁ ପ୍ରଶ୍ନମାନ ପଚାରି ପ୍ରୋତ୍ସାହିତ କଲି ଯେପରି ଦିନର କେଉଁ ସମୟରେ ଏହା ଘଟିଥାଏ ? ତୁମେ କେତେବେଳେ ମନ୍ଦିରକୁ ଯାଅ ? ତୁମେ କ'ଣ ପିନ୍ଧ ? ତୁମର ଜେଜେବାପା ଓ ଜେଜେମାଆ ଏହି ପର୍ବ ପାଳନ କରନ୍ତି କି ? ଇତ୍ୟାଦି...

ଏହାପରେ ପ୍ରତ୍ୟେକ ଦଳ ନିଜର ପର୍ବକୁ ନେଇ ଏକ ପୋଷ୍ଟର ତିଆରି କରିବାକୁ ବୁଝାଇ ଦେଲି । ଗୃହକର୍ମ ପାଇଁ ସେମାନଙ୍କ ପିତାମାତା, ଜେଜେବାପା, ଜେଜେମା ଓ ଗୃହ ବା ଗୋଷ୍ଠୀର ଅନ୍ୟକାହାଠାରୁ ପର୍ବ ସମ୍ବନ୍ଧରେଅଧିକ ତଥ୍ୟ ସଂଗ୍ରହ କରିବା ପାଇଁ କହିଲି । ଏଥିସହିତ ମୁଁ ସେମାନଙ୍କୁ କେତେକ ଉଦାହରଣ ପ୍ରଶ୍ନମାନ ଦେଲି ଯଥା ପର୍ବଟି ସବୁ ବର୍ଷ ଏଠାରେ ପାଳିତ ହୋଇଆସୁଛି କି ? ସବୁ ବର୍ଷ ଏହାଏପରି ବଡ଼ ଧରଣର ପାଳନ କରାଯାଏକି ? ସଙ୍ଗୀତର ପରିବର୍ତ୍ତନ ହୋଇଛି କି ? ଇତ୍ୟାଦି । ମୋ ଶିକ୍ଷାର୍ଥୀମାନଙ୍କୁ ଦିନକୁ ଗୋଟିଏ ପ୍ରସଙ୍ଗକୁ ନେଇ ସପ୍ତାହକ ପାଇଁ ପୋଷ୍ଟର ଉପରେ କାର୍ଯ୍ୟ କରିବାକୁ ଦେଲି । ମୁଁ ଦଳରୁ ଦଳକୁ ବୁଲି ସେମାନଙ୍କ କଥା ଶୁଣିଲି, ଦେଖିଲି ଓ ଆବଶ୍ୟକ ବେଳେ ସାହାଯ୍ୟ କଲି ।

ମୁଁ ବୁଝାଇ ଦେଲି ଯେ ସେମାନେ ପୋଷ୍ଟର ଉପରେ ସେମାନଙ୍କର ବିଦ୍ୟାଳୟ ଭାଷା ବା ମାତୃଭାଷା ବା ଦୁଇଟିକୁ ମିଶାଇ ଲେଖିପାରିବେ । ସେମାନଙ୍କ ଭିତରୁ କେତେକ ପ୍ରଥମଥର ପାଇଁ ଶ୍ରେଣୀରେ ସେମାନଙ୍କ ମାତୃ ଭାଷାରେ ଲେଖିଥିଲେ । ଏପରି କରି ସେମାନେ ଗର୍ବିତ ଥିଲେ ।

ପୋଷ୍ଟର ପ୍ରସ୍ତୁତି କାର୍ଯ୍ୟ ସମାପ୍ତ ପରେ ପ୍ରତ୍ୟେକ ଦଳ ଶ୍ରେଣୀର ଅନ୍ୟମାନଙ୍କ ଆଗରେ ସେମାନଙ୍କ ପୋଷ୍ଟର ଉପସ୍ଥାପନ କରୁଥିଲେ । ମୁଁ ଏବଂ ଶ୍ରେଣୀର ଅନ୍ୟ ଶିକ୍ଷାର୍ଥୀମାନେ ସେମାନଙ୍କୁ ପ୍ରଶ୍ନମାନ ପଚାରୁଥିଲୁ । ଆମେ ସମସ୍ତେ ଏଥିରୁ ଅନେକ କିଛି ଶିଖିଲୁ । ଏହାପରେ ମୁଁ ରଙ୍ଗୀନ୍ ପୋଷ୍ଟର ଗୁଡ଼ିକୁ ସମସ୍ତଙ୍କ ପଢିବା ଓ ଉପଭୋଗ କରିବା ନିମିତ୍ତ କାନ୍ଥରେ ଲଗାଇଦେଲି ।

### ଟିକିଏ ଚିନ୍ତା କରନ୍ତୁ

- ଏହି ପ୍ରକଳ୍ପ ମାଧ୍ୟମରେ ଶିକ୍ଷାର୍ଥୀମାନଙ୍କୁ ଆକଳନ କରିବା ପାଇଁ ସୁଶ୍ରୀ ସ୍ନେହାଙ୍କ ପାଖରେ କ'ଣ ସୁଯୋଗ ଥିଲା ?
- ଅଳ୍ପ ବୟସର ଶିକ୍ଷାର୍ଥୀମାନଙ୍କ ପାଇଁ ଆପଣ ଏହି ପ୍ରକଳ୍ପକୁ କିପରି ଗ୍ରହଣ କରିବେ ?

- ବୟସ୍କ ଶିକ୍ଷାର୍ଥୀମାନଙ୍କ ପାଇଁ ଆପଣ ଏହି ପ୍ରକଳ୍ପକୁ କିପରି ପରିବର୍ଦ୍ଧିତ କରିବେ ?

ଶିକ୍ଷାର୍ଥୀମାନଙ୍କ ଭାଷା ଓ ସାକ୍ଷରତା କୌଶଳ ବିକାଶରେ ଏହି କାର୍ଯ୍ୟକ୍ରମଗୁଡ଼ିକ ଅନେକ ସୁଯୋଗ ଯୋଗାଇ ଦେଇ ପାରିବ । ଏଥିରେ ନିମ୍ନୋକ୍ତ ଉପାଦାନଗୁଡ଼ିକ ଅଛି ଯଥା:

- ସମଗ୍ର ଶ୍ରେଣୀ ଓ କ୍ଷୁଦ୍ର ଦଳ ଆଲୋଚନା
- ସେମାନଙ୍କ ପରିବାର ଓ ଗୋଷ୍ଠୀ ସଦସ୍ୟମାନଙ୍କ ସହିତ ଆଲୋଚନା
- ଲେଖା ପ୍ରସ୍ତୁତି
- ଲିଖନ
- ମୌଖିକ ଉପସ୍ଥାପନ
- ସକ୍ରିୟ ଶ୍ରବଣ
- ପ୍ରଶ୍ନ ପଚାରିବା

ପ୍ରକଳ୍ପର ସବୁ ସମୟରେ ସେମାନେ ଉଭୟ ଗୃହ ଓ ବିଦ୍ୟାଳୟର ଭାଷା ବ୍ୟବହାର କରିବା ପାଇଁ ପ୍ରୋତ୍ସାହିତ ହେଉଥିଲେ ।

ଶିକ୍ଷାର୍ଥୀମାନଙ୍କର ସ୍ଥାନୀୟ ଜ୍ଞାନ ପ୍ରକଳ୍ପର କେନ୍ଦ୍ରବିନ୍ଦୁ ଥିଲା । ବ୍ୟକ୍ତିଗତ ଭାବରେ ଓ ଦଳରେ ତଦାରଖ କରିବାକୁ ଶିକ୍ଷକଙ୍କ ପାଖରେ ସମୟ ଥିଲା । ଶିକ୍ଷାର୍ଥୀମାନଙ୍କ ଅଂଶଗ୍ରହଣ ଓ କୌଶଳ ସଂପର୍କରେ ସେ ଲେଖା ବା ତନଖି ତାଲିକା ରଖି ପାରିବେ ।ଅଳ୍ପ ବୟସର ଶିକ୍ଷାର୍ଥୀମାନଙ୍କ ପାଇଁ ଏହିଭଳି ଏକ ପ୍ରକଳ୍ପ ମାଧ୍ୟମରେ କଥନ ଓ ଶ୍ରବଣ ଉପରେ ଗୁରୁତ୍ୱ ଦିଆଯିବା ଉଚିତ୍ ।

ଅଳ୍ପ ବୟସର ଶିକ୍ଷାର୍ଥୀମାନେ ଚିତ୍ର ମଧ୍ୟ ଅଙ୍କନ କରିପାରିବେ ବା ପର୍ବପର୍ବାଣିର ବିଭିନ୍ନ ଦିଗକୁ ନେଇ ଅଭିନୟ କରିପାରିବେ । ସେହିପରି ବୟସ୍କ ଶିକ୍ଷାର୍ଥୀମାନଙ୍କ ପାଇଁ ଲିଖିତ ପ୍ରକଳ୍ପ ଅଧିକ ଗ୍ରହଣଯୋଗ୍ୟ ହୋଇପାରିବ । ଏହି ଲିଖିତ ପ୍ରକଳ୍ପ ପର୍ବପର୍ବାଣିସମ୍ବନ୍ଧୀୟ ଗବେଷଣା ଓ ସ୍ୱତନ୍ତ୍ର ଶବ୍ଦଭଣ୍ଡାର ତଥାଧ୍ୟାନଯୁକ୍ତ ହେବା ଉଚିତ୍ । ଏହି ପ୍ରକଳ୍ପ ଶିକ୍ଷାର୍ଥୀମାନଙ୍କ ଭାଷା, ଇତିହାସ ଓ ପାରଂପାରିକ ସଂସ୍କୃତି ଆଧାରିତ ହେବା ଦରକାର ।

ମୁଖ୍ୟ ସମ୍ବଳ 'ଶିକ୍ଷଣ ପାଇଁ କଥନ'ରେ ଆପଣଙ୍କ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ସହଭାଗୀ କାର୍ଯ୍ୟ ଉପରେ ଅଧିକ ଧାରଣା ଦିଆଯାଇଛି ।

ଭିଡ଼ିଓ : ଶିକ୍ଷଣ ପାଇଁ କଥନ

## ୪ ସାରାଂଶ

ବିଦ୍ୟାଳୟରେ ଶିକ୍ଷାର୍ଥୀମାନଙ୍କର ଭାଷା ଓ ସାକ୍ଷରତା କୌଶଳ ବିକାଶରେ ସେମାନଙ୍କ ଗୃହ ଓ ଗୋଷ୍ଠୀ ଆଧାରିତ ଅଭିଜ୍ଞତା ବିନିଯୋଗର କି ଗୁରୁତ୍ୱ ଓ ମୂଲ୍ୟ ରହିଛି ସେ ସଂପର୍କରେ ଏହି ଏକକରେ ବର୍ଣ୍ଣନା କରାଯାଇଛି । ଆପଣଙ୍କ ଶିକ୍ଷାର୍ଥୀମାନେ ବିଦ୍ୟାଳୟରେ ଶିଖିବାକୁ ଅଧିକ ସୁରକ୍ଷିତ ଅନୁଭବ କରିବେ ଓ ପ୍ରୋତ୍ସାହିତ ହେବେ ଯଦି ସେମାନେ ବିଦ୍ୟାଳୟ ବାହାରେ ବ୍ୟବହାର କରୁଥିବା ଭାଷା ଏବଂ କରୁଥିବା କାର୍ଯ୍ୟମାନ ସେମାନଙ୍କ ଶିକ୍ଷକମାନଙ୍କ ଦ୍ୱାରା ସ୍ୱୀକୃତି ଲାଭ କରେ । ଆପଣ ଆପଣଙ୍କ ଶିକ୍ଷାର୍ଥୀମାନଙ୍କ ଅଭିଜ୍ଞତାକୁ ଗୁରୁତ୍ୱ ଦେଉଛନ୍ତି । ଏହି ଧାରଣା ସୃଷ୍ଟି କରିବାକୁ ହେଲେ ଆପଣଙ୍କୁ ସେମାନଙ୍କ ସହ ସବୁ ସମୟରେ କଥୋପକଥନ ଓ ଆଲୋଚନା କରିବାକୁ ପଡ଼ିବ । ଏହା ମାଧ୍ୟମରେ ସେମାନଙ୍କ ବିଦ୍ୟାଳୟ ବାହାର ଆଗ୍ରହକୁ ଖୋଜିବାହାର କରିବାକୁ ପଡ଼ିବ ।

ଏହି ଏକକରେ ଅନେକ ଗୁଡ଼ିଏ ଉପାୟ ବିଷୟରେ ସୂଚିତ କରାଯାଇଛି ଯାହା ଦ୍ୱାରା ଶିକ୍ଷାର୍ଥୀର ଜ୍ଞାନ, ପରିବାର ସଦସ୍ୟ ଓ ଗୋଷ୍ଠୀ ଆଧାରରେ ପାଠ୍ୟ ପୁସ୍ତକର ପ୍ରସଙ୍ଗକୁ ଆପଣ ଶିକ୍ଷାର୍ଥୀମାନଙ୍କ ପାଇଁ ଅଧିକ ଅର୍ଥପୂର୍ଣ୍ଣ ଓ ପ୍ରାସଙ୍ଗିକ କରିପାରିବେ । ପାଠ୍ୟପୁସ୍ତକର ଯେକୌଣସି ପ୍ରସଙ୍ଗ ଓ ଯେ କୌଣସି ସ୍ତରର ଶିକ୍ଷାର୍ଥୀ ପାଇଁ ଆପଣ ଏହି ପ୍ରକାର କାର୍ଯ୍ୟମାନ ବ୍ୟବହାର କରିପାରିବେ ।

## ସମ୍ବଳ ସମୂହ

### ସମ୍ବଳ ୧ : ସଭିଙ୍କ ସଂପୃକ୍ତି

### 'ସଭିଙ୍କ ସଂପୃକ୍ତି' କହିଲେ କ'ଣ ବୁଝ ?

ସାଧାରଣତଃ ବିଦ୍ୟାଳୟ ଶ୍ରେଣୀଗୃହରେ ସାଂସ୍କୃତିକ ଓ ସାମାଜିକ ଭିନ୍ନତା ପ୍ରତିଫଳିତ ହୋଇଥାଏ । ଶିକ୍ଷାର୍ଥୀମାନଙ୍କର ଭାଷାରେ ଆଗ୍ରହ ଓ ଦକ୍ଷତାରେ ଭିନ୍ନତା ଥାଏ । ଶିକ୍ଷାର୍ଥୀମାନେ ଭିନ୍ନ ଭିନ୍ନ ସାମାଜିକ ଓ ଆର୍ଥିକ ପୃଷ୍ଠଭୂମିରୁ ଆସିଥାନ୍ତି । ଆମେ ବିଦ୍ୟାଳୟରେ ସେମାନଙ୍କର ଏହି ଭିନ୍ନତାକୁ ଅଣଦେଖା କରିପାରିବା ନାହିଁ ବରଂ ଏହାକୁ ଅଧିକ ଗୁରୁତ୍ୱର ସହ ବିଚାର କରିବା ଉଚିତ ଯାହା ଦ୍ୱାରା ଆମ ନିଜ ଅଭିଜ୍ଞତା ବାହାରେ ଥିବା ପୃଥିବୀ ଓ ପରସ୍ପର ବିଷୟରେ ଅଧିକ ଜାଣିବା ପାଇଁ ସେମାନେ ବାହକ ସାଜିବେ । ସ୍ଥିତି, ଦକ୍ଷତା ତଥା ପୃଷ୍ଠଭୂମି ନିର୍ବିଶେଷରେ ପ୍ରତ୍ୟେକ ଶିକ୍ଷାର୍ଥୀର ଶିକ୍ଷାଗ୍ରହଣ କରିବା ପାଇଁ ଅଧିକାର ଓ ସୁଯୋଗ ରହିଛି । ଏହା ଭାରତୀୟ ଆଇନ ଓ ଆନ୍ତର୍ଜାତୀୟ ଶିଶୁ ଅଧିକାର ଦ୍ୱାରା ମଧ୍ୟ ସ୍ୱୀକୃତି ଲାଭ କରିଛି । ୨୦୧୪ ମସିହାରେ ପ୍ରଧାନମନ୍ତ୍ରୀ ମୋଦିଜୀ ଜାତି ଉଦ୍ଦେଶ୍ୟରେ ତାଙ୍କ ପ୍ରଥମ ଭାଷଣରେ ଜାତି, ଲିଙ୍ଗ, ଆୟ ନିର୍ବିଶେଷରେ ଭାରତର ପ୍ରତ୍ୟେକ ନାଗରିକଙ୍କୁ ସମାନ ଗୁରୁତ୍ୱ ଦେବା କଥା କହିଥିଲେ । ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ଓ ଶିକ୍ଷକମାନଙ୍କର ଏକ ଗୁରୁ ଦାୟିତ୍ୱ ରହିଛି ।

ଆମ ସଭିଙ୍କର ଅନ୍ୟମାନଙ୍କ ବିଷୟରେ ଧାରଣା ଓ ମତ ଥାଏ ଯେ ଆମେ ଅନ୍ୟ ଦ୍ୱାରା ସ୍ୱୀକୃତି ପାଉନା ବା ଅନ୍ୟମାନେ ଆମକୁ ସମ୍ମାନ ଦିଅନ୍ତି ନାହିଁ । କିନ୍ତୁ ଜଣେ ଶିକ୍ଷକ ଭାବରେ ସବୁ ଶିକ୍ଷାର୍ଥୀଙ୍କ ଶୈକ୍ଷିକ ଅଭିଜ୍ଞତାକୁ ସକାରାତ୍ମକ ବା ନକାରାତ୍ମକ ଉପାୟରେ ପ୍ରଭାବିତ କରିବାର ଦକ୍ଷତା ଆପଣଙ୍କ ପାଖରେ ଅଛି । ଜାଣତରେ ବା ଅଜଣାତରେ ହେଉ ଆପଣଙ୍କ ଏହି ଅନ୍ତର୍ନିହିତ ମତ ଓ ଧାରଣା ଆପଣଙ୍କର ସମସ୍ତ ଶିକ୍ଷାର୍ଥୀ କିପରି ସମାନ ଭାବରେ ଶିଖିବେ, ଏହି କଥାକୁ ପ୍ରଭାବିତ କରିବ । ଆପଣଙ୍କ ଶିକ୍ଷାର୍ଥୀମାନଙ୍କ ପ୍ରତି ହେଉଥିବା ଅସମାନ ବ୍ୟବହାର ବିପକ୍ଷରେ ଆପଣ ପଦକ୍ଷେପ ନେଇପାରିବେ ।

### ଶିକ୍ଷଣରେ ସଭିଙ୍କ ସଂପୃକ୍ତି ନେଇ ଆପଣଙ୍କୁ ସୁନିଶ୍ଚିତ କରିବା ପାଇଁ ତିନିଗୋଟି ମୁଖ୍ୟ ନୀତି

- **ନଜର କରିବା** : ପ୍ରଭାବଶାଳୀ ଶିକ୍ଷକମାନେ ପର୍ଯ୍ୟବେକ୍ଷଣକାରୀ, ଦୂରଦୃଷ୍ଟି ସମ୍ପର୍ଣ୍ଣତଥା ସମ୍ବେଦନଶୀଳ ଅଟନ୍ତି । ଶିକ୍ଷାର୍ଥୀମାନଙ୍କ ଭିତରେ ସଂଗଠିତ ହେଉଥିବା ପରିବର୍ତ୍ତନଗୁଡ଼ିକୁ ସେମାନେ ଦେଖିପାରନ୍ତି । ଯଦି ଆପଣ ଜଣେ ପର୍ଯ୍ୟବେକ୍ଷକ, ତେବେ ଶିକ୍ଷାର୍ଥୀମାନେ କେତେବେଳେ ଭଲ କରନ୍ତି, ସେମାନେ କେତେବେଳେ ସାହାଯ୍ୟ ଚାହାଁନ୍ତି ଓ କିପରି ଅନ୍ୟ ସହ ସଂପର୍କରେ ରୁହନ୍ତି ଆପଣ ତାହା ନିଶ୍ଚୟ ଜାଣିପାରିବେ । ଆପଣ ମଧ୍ୟ ଆପଣଙ୍କ ଶିକ୍ଷାର୍ଥୀମାନଙ୍କ ଭିତରେ ପରିବର୍ତ୍ତନକୁ ବୁଝିପାରିବେ, ଯାହାକି ସେମାନଙ୍କ ଗୃହ ପରିବେଷ୍ଟନୀ ଓ ଅନ୍ୟ ସମସ୍ୟା ଗୁଡ଼ିକ ଉପରେ ପରିବର୍ତ୍ତନକୁ ପ୍ରତିଫଳିତ କରିଥାଏ । ସଭିଙ୍କ ସଂପୃକ୍ତି ଅର୍ଥ ଶିକ୍ଷାର୍ଥୀମାନଙ୍କୁ ଦୈନନ୍ଦିନ ପର୍ଯ୍ୟବେକ୍ଷଣ କରିବା, ଦୁର୍ବଳତଥା ନିଜକୁ କମ୍ ସୁରକ୍ଷିତ ଅନୁଭବକରୁଥିବା ଶିକ୍ଷାର୍ଥୀମାନଙ୍କୁ ସ୍ୱତନ୍ତ୍ର ଧ୍ୟାନ ଦେବା ଇତ୍ୟାଦି ।
- **ଆତ୍ମସମ୍ମାନ ଉପରେ ଆଲୋକପାତ:** ସେହିମାନେ ଭଲ ନାଗରିକ ଯିଏ କି ସମସ୍ତଙ୍କ ସହ ଭଲ ଭାବରେ ମିଳି ମିଶି ଚଳି ପାରନ୍ତି । ସେମାନଙ୍କର ଆତ୍ମସମ୍ମାନ ବୋଧ ରହିଛି । ସେମାନେ ନିଜର ସାମର୍ଥ୍ୟ ଓ ଦୁର୍ବଳତା ବିଷୟରେ ସଚେତନ । ସେମାନଙ୍କର ପୃଷ୍ଠଭୂମି ନିର୍ବିଶେଷରେ ଅନ୍ୟମାନଙ୍କ ସହ ସକାରାତ୍ମକ ସଂପର୍କ ସ୍ଥାପନ କରିବାର ମଧ୍ୟ ସାମର୍ଥ୍ୟ ରହିଛି । ସେମାନେ ନିଜକୁ ଓ ଅନ୍ୟମାନଙ୍କୁ ସମ୍ମାନ କରନ୍ତି । ଜଣେ ଶିକ୍ଷକ ଭାବରେ ଆପଣ ଅଳ୍ପ ବୟସ୍କ ଶିକ୍ଷାର୍ଥୀଙ୍କ ଆତ୍ମସମ୍ମାନ ବୋଧ ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇ ପାରିବେ । ଆପଣ ଏହି ଶକ୍ତି ସଂପର୍କରେ ସଚେତନ ହେବା ସଙ୍ଗେ ସଙ୍ଗେ ସବୁ ଶିକ୍ଷାର୍ଥୀମାନଙ୍କର ଆତ୍ମସମ୍ମାନବୋଧ ବିକାଶରେ ସହାୟକ ହୁଅନ୍ତି ।

- **ନମନୀୟତା:** ନିର୍ଦ୍ଦିଷ୍ଟ ଶିକ୍ଷାର୍ଥୀ, ଦଳ ବା ବ୍ୟକ୍ତିମାନଙ୍କ ପାଇଁ ଆପଣଙ୍କ ଶ୍ରେଣୀ ଗୃହରେ ଯଦି କିଛି କାମ କରୁନାହିଁ, ତେବେ ଆପଣଙ୍କର ଯୋଜନାର ପରିବର୍ତ୍ତନ ବା କାର୍ଯ୍ୟ ବନ୍ଦ ପାଇଁ ପ୍ରସ୍ତୁତ ରୁହନ୍ତୁ ଯାହା ନମନୀୟ, ହେବା ଆପଣଙ୍କୁ ଖାପ୍ ଖୁଆଇବାରେ ସକ୍ଷମ କରାଇବ । ଫଳତଃ ଆପଣ ସବୁ ଶିକ୍ଷାର୍ଥୀଙ୍କୁ ସଫଳ ଭାବେ ସଂପୃକ୍ତ କରାଇପାରିବେ ।

## ଆପଣ ସବୁ ସମୟରେ ବ୍ୟବହାର କରିବା ଭଳି ପନ୍ଥା

- **ଉତ୍ତମ ବ୍ୟବହାର ଗଠନ:** ଗୋଷ୍ଠୀ, ଧର୍ମ ବା ଲିଙ୍ଗ ନିର୍ବିଶେଷରେ ଉତ୍ତମ ବ୍ୟବହାର ପ୍ରଦର୍ଶନ ପୂର୍ବକ ସବୁ ଶିକ୍ଷାର୍ଥୀମାନଙ୍କପାଇଁ ଆପଣ ଉଦାହରଣ ସାଜନ୍ତୁ । ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ସମ୍ମାନ ସହ ଉତ୍ତମ ବ୍ୟବହାର ପ୍ରଦର୍ଶନ କରନ୍ତୁ । ଆପଣଙ୍କ ଶିକ୍ଷାଦାନ କାର୍ଯ୍ୟରେ ଏହା ଏପରି ପ୍ରତିଫଳିତ ହେବା ଆବଶ୍ୟକ ଯେ ଆପଣ ସବୁ ଶିକ୍ଷାର୍ଥୀଙ୍କୁ ସମାନ ଭାବରେ ଗୁରୁତ୍ୱ ଦେଉଛନ୍ତି । ସମ୍ମାନର ସହ ସଭିଙ୍କ ସହ କଥା ହୁଅନ୍ତୁ, ସେମାନଙ୍କର ମତ ଠିକ୍‌ଥିଲେ ବିଚାରକୁ ନିଅନ୍ତୁ ଓ ସମସ୍ତଙ୍କ ଉପକାର ହେଲା ଭଳି କାର୍ଯ୍ୟମାନ ହାତକୁ ନେଇ ଶ୍ରେଣୀର ଦାୟିତ୍ୱ ନେବା ପାଇଁ ସେମାନଙ୍କୁ ଉତ୍ସାହିତ କରନ୍ତୁ ।
- **ଉଚ୍ଚ ଆଶା:** ସାମର୍ଥ୍ୟ ସବୁ ସମୟରେ ସ୍ଥିର ନଥାଏ । ତେଣୁ ଯଦି ସଠିକ୍ ଭାବରେ ସହାୟତା ମିଳେ ପ୍ରତ୍ୟେକ ଶିକ୍ଷାର୍ଥୀ ଶିଖିପାରିବେ ଓ ଆଗେଇ ପାରିବେ । ଆପଣ ଶ୍ରେଣୀରେ କରୁଥିବା କାର୍ଯ୍ୟଟିକୁ ଯଦି ଶିକ୍ଷାର୍ଥୀ ବୁଝିବାରେ କଷ୍ଟ ଅନୁଭବ କରେ ଏହାର ଅର୍ଥ ନୁହେଁ ଯେ ସେ ଏହାକୁ କେବେ ବୁଝିପାରିବ ନାହିଁ । ଏହିଭଳି ମାନସିକତା ଆପଣ ଆଦୌ ରଖନ୍ତୁ ନାହିଁ । ପ୍ରତ୍ୟେକ ଶିକ୍ଷାର୍ଥୀର ଶିକ୍ଷଣରେ କିପରି ସର୍ବୋତ୍କୃଷ୍ଟ ସହାୟତା ଦିଆଯାଇ ପାରିବ ଜଣେ ଶିକ୍ଷକ ଭାବରେ ତାହା ଆପଣଙ୍କର କାମ ଅଟେ । ଯଦି ଆପଣ ଶ୍ରେଣୀରେ ସମସ୍ତଙ୍କ ବିଷୟରେ ଉଚ୍ଚ ଆଶା ରଖନ୍ତି, ଆପଣଙ୍କ ଶିକ୍ଷାର୍ଥୀମାନେ ସୁରକ୍ଷିତ ଭାବରେ ତଥା ଆଶାନୁରୂପ ଭାବରେ ତାହା ଶିଖିବେ । ଉଚ୍ଚ ଆଶା ବ୍ୟବହାରରେ ମଧ୍ୟ ପ୍ରଦର୍ଶିତ ହେବା ଉଚିତ । ଆଶାଗୁଡ଼ିକ ସ୍ପଷ୍ଟ ହେବା ଦରକାର ଓ ପ୍ରତ୍ୟେକ ଶିକ୍ଷାର୍ଥୀ ପରସ୍ପରକୁ ସମ୍ମାନର ସହ ବ୍ୟବହାର କରିବା ଦରକାର ।
- **ଶିକ୍ଷାଦାନରେ ବିବିଧତାର ପ୍ରୟୋଗ :**ଶିକ୍ଷାର୍ଥୀମାନେ ବିଭିନ୍ନ ଉପାୟରେ ଶିଖନ୍ତି । କେତେକ ଶିକ୍ଷାର୍ଥୀ ଲେଖିବାକୁ ଭଲ ପାଉଥିଲା ବେଳେ, ଅନ୍ୟମାନେ ଧାରଣା / ଭାବକୁ ଉପସ୍ଥାପନ କରିବା ପାଇଁ ମାନସଚିତ୍ରଣ ବା ଛବି ଅଙ୍କନ କରିବାକୁ ପସନ୍ଦ କରନ୍ତି । କେତେକ ଶିକ୍ଷାର୍ଥୀ ଉତ୍ତମ ଶ୍ରୋତା ହୋଇଥିବା ବେଳେ ଆଉ କେତେକ ଯେତେବେଳେ ନିଜର ଭାବକୁ ନେଇ କହିବାର ସୁଯୋଗ ପାଆନ୍ତି ସେତେବେଳେ ଉତ୍ତମ ଭାବରେ ଶିଖନ୍ତି । ଆପଣ ସବୁ ଶିକ୍ଷାର୍ଥୀଙ୍କ ପାଇଁ ଗ୍ରହଣୀୟ ହୋଇପାରିବେ ନାହିଁ । କିନ୍ତୁ ଆପଣ ଆପଣଙ୍କ ଶିକ୍ଷାଦାନରେ ବିବିଧତା ଆଣିପାରିବେ ଓ ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କ ଆବଶ୍ୟକତା ଅନୁସାରେ ଶିକ୍ଷଣ କାର୍ଯ୍ୟ ହାତକୁ ନେବାରେ ସୁଯୋଗ ଦେଇପାରିବେ ।
- **ଦୈନନ୍ଦିନ ଜୀବନ ସହ ଶିକ୍ଷଣକୁ ସଂପର୍କିତ କରିବା :** କେତେକ ଶିକ୍ଷାର୍ଥୀଙ୍କ ପାଇଁ ଆପଣ ସେମାନଙ୍କୁ ଶିଖିବା ପାଇଁ କହୁଥିବା କଥା ସେମାନଙ୍କ ଦୈନନ୍ଦିନ ଜୀବନରେ ଅପ୍ରାସଙ୍ଗିକ ବୋଧ ହୋଇପାରେ । ଏହି ସମସ୍ୟାକୁ ଆପଣ ସମ୍ବୋଧନ କରିବା ପାଇଁ ସେମାନଙ୍କ ଅଭିଜ୍ଞତାରୁ ଉଦାହରଣମାନ ଦିଅନ୍ତୁ । ଯେତେବେଳେ ସମ୍ଭବ ସେମାନଙ୍କୁ ପ୍ରାସଙ୍ଗିକ ବୋଧ ହେଲାଭଳି ପ୍ରସଙ୍ଗଗୁଡ଼ିକୁ ଶିକ୍ଷଣ ସହିତ ସଂପର୍କିତ କରନ୍ତୁ । ଏହା ଦ୍ୱାରା ଦୈନନ୍ଦିନ ଜୀବନ ସହ ଶିକ୍ଷଣକୁ ସଂପର୍କିତ କରିବା ଅଧିକ ସହଜ ହୋଇପାରିବ ।
- **ଭାଷାର ବ୍ୟବହାର :** ଆପଣ ବ୍ୟବହାର କରୁଥିବା ଭାଷା ବିଷୟରେ ଯତ୍ନର ସହ ଚିନ୍ତା କରନ୍ତୁ । ଉତ୍ସାହ ବର୍ଦ୍ଧକ ଓ ସକାରାତ୍ମକ ଭାଷା ବ୍ୟବହାର କରନ୍ତୁ । କିନ୍ତୁ ଶିକ୍ଷାର୍ଥୀମାନଙ୍କୁ ଉପହାସିତ କରନ୍ତୁ ନାହିଁ । ସେମାନଙ୍କ ଉପରେ ମନ୍ତବ୍ୟ ନଦେଇ ତାଙ୍କ ବ୍ୟବହାର ଉପରେ ସର୍ବଦା ମନ୍ତବ୍ୟ ଦିଅନ୍ତୁ । ଉଦାହରଣ ସ୍ୱରୂପ "ତୁମେ ମୋତେ ଆଜି ରଗାଉଛ" ଏକାନ୍ତ ବ୍ୟକ୍ତିଗତ ହୋଇଥିବା ବେଳେ ଏହାକୁ ଅଧିକ ଭଲ ଭାବରେ କୁହାଯାଇ ପାରିବ ଯଥା "ଆଜି ମୁଁ ତୁମର ରଗାଇବା ଭଳି ବ୍ୟବହାର ଦେଖିବାକୁ ପାଉଛି" । ଏପରି କରିବା କଷ୍ଟକର ବୋଲି ଆପଣ ଭାବୁଛନ୍ତି କି? କିନ୍ତୁ ଏହା ଅଧିକ ସହାୟକ ଅଟେ ।
- **ଗତାନୁଗତିକତାକୁବିରୋଧ:** ଆପଣ ଏପରି ସମ୍ବଳମାନ ଖୋଜି ବ୍ୟବହାର କରନ୍ତୁ ଯେଉଁଗୁଡ଼ିକ ଝିଅମାନଙ୍କ ଅଣ-ଗତାନୁଗତିକ ଭୂମିକା ସଂପର୍କରେ ସ୍ପଷ୍ଟ ସୂଚନା ଦେଇପାରିବ । ଏହି ପରୀପ୍ରେକ୍ଷିରେ ଆଦର୍ଶ ମହିଳା ଯଥା ବୈଜ୍ଞାନିକ, ଡାକ୍ତର, ଇଂଜିନିୟର ଆଦିକୁ ଆପଣଙ୍କ ବିଦ୍ୟାଳୟ ପରିଦର୍ଶନରେ ଡାକନ୍ତୁ । ଆପଣ ନିଜର ଲିଙ୍ଗଭିତ୍ତିକ ଗତାନୁଗତିକତା

ବିଷୟରେ ସଚେତନ ହୁଅନ୍ତି । ଝିଅମାନଙ୍କର ଖେଳିବା କଥା ଓ ପୁଅମାନଙ୍କର ଯତ୍ନନେବା କାର୍ଯ୍ୟ ବିଷୟରେ ଆପଣ ଜାଣନ୍ତି । କିନ୍ତୁ ଏହି କଥାକୁ ଆମେ ଏକ ଭିନ୍ନ ଢ଼ଙ୍ଗରେ ପ୍ରକାଶ କରିଥାଉ ।କାରଣ, ପ୍ରାୟତଃ ସମାଜରେ ଏହି ଉପାୟରେ କହିବାରେ ଆମେ ଅଭ୍ୟସ୍ତ । ତେଣୁ ଏଥି ନିମିତ୍ତ ଆମକୁ ସଚେତନ ହେବାକୁ ପଡ଼ିବ ।

- **ସୁରକ୍ଷିତ ସ୍ୱାଗତଯୋଗ୍ୟ ଶିକ୍ଷଣ ପରିବେଶ ସୃଷ୍ଟି:** ସବୁ ଶିକ୍ଷାର୍ଥୀମାନେ ବିଦ୍ୟାଳୟରେ ସ୍ୱାଗତ ଓ ସୁରକ୍ଷା ଚାହାଁନ୍ତି । ଆପଣ ବିଦ୍ୟାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଅଛନ୍ତି । ଯାହା ଆଧାରରେ ଆପଣ ପ୍ରତ୍ୟେକର ପାରସ୍ପରିକ ସୌହାର୍ଦ୍ଦ୍ୟପୂର୍ଣ୍ଣ ଓ ସମ୍ମାନସ୍ପଦ ବ୍ୟବହାର ମାଧ୍ୟମରେ ଆପଣଙ୍କ ଶିକ୍ଷାର୍ଥୀମାନଙ୍କୁ ଏକଥା ଅନୁଭବ କରାଇ ପାରିବେ । ଭିନ୍ନ ଭିନ୍ନ ଶିକ୍ଷାର୍ଥୀଙ୍କୁ ବିଦ୍ୟାଳୟ ଓ ଶ୍ରେଣୀଗୃହ କିପରି ଦୃଷ୍ଟିଗୋଚର ଓ ସେମାନେ ଏହାକୁ କିପରି ଅନୁଭବ କରୁଥିବେ ଆପଣ ଏବିଷୟରେ ଚିନ୍ତା କରନ୍ତୁ । ସେମାନଙ୍କୁ କେଉଁଠାରେ ବସିବାକୁ କୁହାଯିବ ତାହା ମଧ୍ୟ ଚିନ୍ତା କରନ୍ତୁ । ତତ୍ ସଙ୍ଗେ ସଙ୍ଗେ ଦୃଷ୍ଟିଶକ୍ତି, ଶ୍ରବଣଶକ୍ତି ଓ ଶାରୀରିକଶକ୍ତି ଆଧାରିତ ଭିନ୍ନକ୍ଷମ ପିଲାମାନେ କେଉଁଠି ବସିଲେ ଶିକ୍ଷଣରେ ପ୍ରବେଶ କରିବା ସେମାନଙ୍କ ପାଇଁ ସହଜ ହୋଇପାରିବ ତାହା ମଧ୍ୟ ସୁନିଶ୍ଚିତ କରନ୍ତୁ । ସେହିପରି ଲାଜକୁଳା ଓ ଅନ୍ୟମନସ୍କ ରହୁଥିବା ଶିକ୍ଷାର୍ଥୀମାନଙ୍କୁ କେଉଁଠି ସହଜରେ ସାମିଲ କରିପାରିବେ ତାହା ମଧ୍ୟ ଠିକ୍ କରନ୍ତୁ । ଏହା ଦ୍ୱାରା ସେମାନଙ୍କର ଶିକ୍ଷଣରେ ସହଭାଗିତା ସହଜ ହୋଇ ପାରିବ ।

## ନିର୍ଦ୍ଦିଷ୍ଟ ଶିକ୍ଷଣ ପନ୍ଥା

ଅନେକ ଗୁଡ଼ିଏ ନିର୍ଦ୍ଦିଷ୍ଟ ଶିକ୍ଷଣ ପନ୍ଥା ରହିଛି ଯାହା ସମସ୍ତ ଶିକ୍ଷାର୍ଥୀଙ୍କ ଶିକ୍ଷଣରେ ସଂପୃକ୍ତିକୁ ସୁନିଶ୍ଚିତ କରିବାରେ ଆପଣଙ୍କୁ ସହାୟତା କରିବ । ଅନ୍ୟ ମୁଖ୍ୟ ସମ୍ବଳ ଗୁଡ଼ିକରେ ଏହାର ବିଷଦ ବର୍ଣ୍ଣନା କରାଯାଇଛି । ଏଠାରେ ସେ ସଂପର୍କିତ ସଂକ୍ଷିପ୍ତ ସୂଚନା ଦିଆଯାଇଛି ।

- **ପ୍ରଶ୍ନପଚାରିବା :** ଆପଣ ଯଦି ଶିକ୍ଷାର୍ଥୀମାନଙ୍କୁ ପ୍ରଶ୍ନପଚାରି ହାତ ଟେକିବାକୁ କହନ୍ତି, ତେବେ ସାଧାରଣତଃ ହାତ ଟେକିଥିବା ଶିକ୍ଷାର୍ଥୀମାନେ ଉତ୍ତର ଦିଅନ୍ତି । ଏତଦ୍‌ବ୍ୟତୀତ ଆଉ ଅନେକ ଉପାୟମାନ ରହିଛି ଯାହା ମାଧ୍ୟମରେ ଅନେକ ଶିକ୍ଷାର୍ଥୀଙ୍କୁ ଉତ୍ତର ବିଷୟରେ ଚିନ୍ତାକରିବାକୁ ଓ ଉତ୍ତର ଦେବାକୁ ମଧ୍ୟ ସଂପୃକ୍ତ କରିପାରିବେ । ନିର୍ଦ୍ଦିଷ୍ଟ ଶିକ୍ଷାର୍ଥୀଙ୍କୁ ମଧ୍ୟ ଆପଣ ପ୍ରଶ୍ନ ପଚାରି ପାରିବେ । କିଏ ଉତ୍ତର ଦେବ ତାହା ଆପଣ ସ୍ଥିର କରିବେ ବୋଲି ଶ୍ରେଣୀକୁ ଜଣାନ୍ତୁ । ଏହାପରେ ଆଗରେ ବସିଥିବା ଶିକ୍ଷାର୍ଥୀମାନଙ୍କ ପରିବର୍ତ୍ତେ ଶ୍ରେଣୀର ପଛରେ ଓ କଡ଼ରେ ବସିଥିବା ଶିକ୍ଷାର୍ଥୀମାନଙ୍କୁ ପ୍ରଶ୍ନର ଉତ୍ତର ଦେବାକୁ କୁହନ୍ତୁ । ଶିକ୍ଷାର୍ଥୀମାନଙ୍କୁ ଚିନ୍ତା କରିବାକୁ ଯଥେଷ୍ଟ ସମୟ ଦିଅନ୍ତୁ ଓ ନିର୍ଦ୍ଦିଷ୍ଟ ଶିକ୍ଷାର୍ଥୀମାନଙ୍କ ଠାରୁ ଉତ୍ତର ଆଦାୟ କରନ୍ତୁ । ଯୋଡି ଓ ଦଳଭିତ୍ତିକ କାର୍ଯ୍ୟ ବ୍ୟବହାର କରି ଶିକ୍ଷାର୍ଥୀମାନଙ୍କ ଭିତରେ ଭରସା ସୃଷ୍ଟିକରନ୍ତୁ ଯାହାଫଳରେ ଆପଣ ସମସ୍ତ ଶିକ୍ଷାର୍ଥୀଙ୍କୁ ସମଗ୍ର ଶ୍ରେଣୀ ଆଲୋଚନାରେ ସଂପୃକ୍ତ କରିପାରିବେ ।
- **ଆକଳନ:**ଗଠନମୂଳକ ଆକଳନ ପାଇଁ ବହୁବିଧ କୌଶଳ ପ୍ରସ୍ତୁତ କରନ୍ତୁ ଯାହା ଆପଣଙ୍କୁ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କ ସଂପର୍କରେ ଉତ୍ତମ ଭାବେ ଜାଣିବାରେ ସହାୟକ ହେବ । ଏହି କ୍ଷେତ୍ରରେ ଶିକ୍ଷାର୍ଥୀମାନଙ୍କ ଲୁକାୟିତ ପ୍ରତିଭା ଓ ଦୁର୍ବଳତାକୁ ଉନ୍ମୁକ୍ତ କରିବାକୁ ଆପଣ ଅଧିକ ସୃଜନଶୀଳ ହେବା ଆବଶ୍ୟକ । ଏହି ପରିପ୍ରେକ୍ଷୀରେ ଗଠନମୂଳକ ଆକଳନ କେତେକ ନିର୍ଦ୍ଦିଷ୍ଟ ଶିକ୍ଷାର୍ଥୀଙ୍କ ଦକ୍ଷତାଗୁଡ଼ିକ ବିଷୟରେ ସାଧାରଣତ ମତ ଓ ଅନୁମାନିକତା ପରିବର୍ତ୍ତେ ଆପଣଙ୍କୁ ସେମାନଙ୍କ ବିଷୟରେ ଠିକ ତଥ୍ୟ ପ୍ରଦାନ କରିବ । ଫଳତଃ ଆପଣ ସେମାନଙ୍କର ବ୍ୟକ୍ତିଗତ ଆବଶ୍ୟକତା ଅନୁଯାୟୀ ନିଜକୁ ପ୍ରସ୍ତୁତ କରିପାରିବେ ।
- **ଦଳ ଓ ଯୋଡି କାର୍ଯ୍ୟ:**ସମସ୍ତଙ୍କୁ ଶିକ୍ଷଣରେ ସଂପୃକ୍ତ କରିବା ଓ ପରସ୍ପରକୁ ଗୁରୁତ୍ୱ ଦେବା ପାଇଁ ଉତ୍ସାହିତ କରିବା ଲକ୍ଷ୍ୟ ନେଇ କିପରି ଆପଣଙ୍କର ଶ୍ରେଣୀକୁ ବିଭିନ୍ନ ଦଳରେ ବିଭକ୍ତ କରିବେ ଓ ଶିକ୍ଷାର୍ଥୀମାନଙ୍କ ଯୋଡ଼ି ଗଠନ କରିବେ ତାହା ଚିନ୍ତା କରନ୍ତୁ ।
- ପ୍ରତ୍ୟେକ ଶିକ୍ଷାର୍ଥୀ ଯେପରି ପରସ୍ପରଠାରୁ ଶିଖିବାର ସୁଯୋଗ ପାଆନ୍ତି ଓ ଜାଣିଥିବା କଥାକୁ ନେଇ ନିଜ ଭିତରେ ବିଶ୍ୱାସ ବଢ଼ାନ୍ତି ଏହା ଆପଣଙ୍କୁ ସୁନିଶ୍ଚିତ କରିବାକୁ ପଡ଼ିବ । କିଛି ଶିକ୍ଷାର୍ଥୀଙ୍କ ଛୋଟଦଳରେ ଆତ୍ମବିଶ୍ୱାସର ସହ ନିଜର ଧାରଣା ପ୍ରକାଶ କରନ୍ତି । ଦେଖାଯାଏ ଯେ ଏମାନେ ସମଗ୍ର ଶ୍ରେଣୀରେ ଏହା କରିବାରେ ସମର୍ଥ ହୋଇ ପାରନ୍ତି ନାହିଁ । ଦଳ ଓ ଯୋଡି କାର୍ଯ୍ୟ ପ୍ରସ୍ତୁତିରେ ଆପଣଙ୍କୁ ଏହା ଉପରେ ଧ୍ୟାନ ଦେବାକୁ ପଡ଼ିବ ।

- **ପ୍ରଭେଦୀକରଣ:**ଭିନ୍ନ ଭିନ୍ନ ଦଳ ପାଇଁ ଭିନ୍ନ ଭିନ୍ନ କାର୍ଯ୍ୟ ସ୍ଥିର କରିବା ଶିକ୍ଷାର୍ଥୀମାନଙ୍କୁ ନିଜ ସ୍ଥିତିରୁ ଆଗକୁ ଯିବାରେ ସାହାଯ୍ୟ କରିବା । ମୁକ୍ତ କାର୍ଯ୍ୟ ଭିତ୍ତିକ ଦାୟିତ୍ୱ ଶିକ୍ଷାର୍ଥୀମାନଙ୍କୁ ସଫଳତା ପାଇବାରେ ସୁଯୋଗ ପ୍ରଦାନ କରିବ । ଶିକ୍ଷାର୍ଥୀମାନଙ୍କୁ ମନପସନ୍ଦର କାର୍ଯ୍ୟ ବାଛିବା ପାଇଁ ସୁଯୋଗ ସେମାନଙ୍କୁ କାର୍ଯ୍ୟ ପ୍ରତି ଅଧିକ ଆପଣାର କରିଦିଏ ଓ ସେମାନଙ୍କ ନିଜ ଶିକ୍ଷଣ ପାଇଁ ଅଧିକ ଦାୟିତ୍ୱବାନ କରିଥାଏ । ବିଶେଷତଃ ଗୋଟିଏ ବଡ଼ ଶ୍ରେଣୀରେ ବ୍ୟକ୍ତିଗତ ଶୈକ୍ଷିକ ଆବଶ୍ୟକତାକୁ ବିଚାରକୁ ନେବା କଷ୍ଟକର ହୋଇଥାଏ । କିନ୍ତୁ ବହୁବିଧ ଦାୟିତ୍ୱ ଓ କାର୍ଯ୍ୟମାନ ବିନିଯୋଗ ଦ୍ୱାରା ଏହା କରାଯାଇ ପାରିବ ।

## References/bibliography


Austin, R. (ed.) (2009) *Letting the Outside In*. London: Trentham Books.

BBC News (2013) 'Is Indian storytelling a dying art?' (online), 23 March. Available from: http://www.bbc.co.uk/news/world-asia-india-21651933 (accessed 16 September 2014).

Bridges, L. (1995) *Creating Your Classroom Community*, Portland, ME: Stenhouse Publishers.

Kenner, C. (2000) *Home Pages: Literacy Links for Bilingual Children*. Stoke-on-Trent: Trentham Books.

Pattanayak, B., Gupta, D. and Singha, S. (undated) 'Local art education for whole child development: a case of Paitkar painting in Amadubi village' (online), supported by UNICEF-Jharkhand, JEPC, JTWRI. Available from: http://www.academia.edu/5937590/Towards_holistic_development_of_children_using_local_art_and_culture_in_Jharkhand_India (accessed 18 November 2014). This resource looks at the holistic development of children using local art and culture.

Webster, L. and Reed, S. (2012) *The Creative Classroom*. London: Collins.


## Acknowledgements


This content is made available under a Creative Commons Attribution-ShareAlike licence (http://creativecommons.org/licenses/by-sa/3.0/), unless identified otherwise. The licence excludes the use of the TESS-India, OU and UKAID logos, which may only be used unadapted within the TESS-India project.

Every effort has been made to contact copyright owners. If any have been inadvertently overlooked the publishers will be pleased to make the necessary arrangements at the first opportunity.



Video (including video stills): thanks are extended to the teacher educators, headteachers, teachers and students across India who worked with The Open University in the productions.